## ସଂକ୍ଷେପରେ

### ୩୧୨ ଭିନ୍ନକ୍ଷମ ଚିହ୍ନଟ

**ଛେଣ୍ଡିପଦା,୨୨।୮(ସ୍ୱ.ପ୍ର.):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗଙ୍କ ଆନୁକୂଲ୍ୟରେ ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନ ଦ୍ୱାରା ଆୟୋଜିତ ଏହି ଶିବିରରେ ଡାକ୍ତର ସୁଧର୍ମା ପାତ୍ର, ଜ୍ଞାନ ରଞ୍ଜନ ବିଶ୍ୱାଳ, ଦିଗାମ୍ବର ସାହୁ, ରାଜୀବ ଲୋଚନ ଭୋଇ, ସୁଜାତା ସାହୁ, ସୁଶାନ୍ତ କୁମାର ଗଡନାୟକ ପ୍ରମୁଖ ଯୋଗଦେଇ ୭୭୫ ଜଣଙ୍କୁ ପରୀକ୍ଷାନିରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୩୧୨ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିଲା। ବିଡିଓ ରୋମାଞ୍ଚଳ ଖମାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ବ୍ଲକ ପ୍ରଶାସନର ସମସ୍ତ କର୍ମଚାରୀ, ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଦସ୍ୟ ସହଯୋଗ କରିଥିଲେ।

### ଭାଲୁ ଆକ୍ରମଣରେ ମହିଳା ଗୁରୁତର



ଛେଣ୍ଡିପଦା, ୨୨।୮(ସ୍ୱ.ପ୍ର.): ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ମାରୁଡ଼ିପ ଗ୍ରାମର ମିନା ଗରିଆ ଗୁରୁବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ମିନା ଘର ନିକଟସ୍ଥ ନାଳକୁ ଗାଧୋଇବାକୁ ଯାଇଥିବା ବେଳେ ଦୁଇଟି ଭାଲୁ ତାଙ୍କୁ ଆକ୍ରମଣ କରିଥିଲେ। ପାଟିଶୁଣି ସେହି ରାସ୍ତା ଦେଇ ଯାଉଥିବା ଲୋକେ ଦୌଡି ଆସିବାରେ ଭାଲୁ ଦ୍ୱୟ ସେଠାରୁ ଜଙ୍ଗଲ ମଧ୍ୟକୁ ପଳାଇଥିଲେ। ମିନାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ମହୁଲି ମଦ ଜବତ, ୪ ଗିରଫ

**ମାଧପୁର, ୨୨।୮:** ଆଠମଲ୍ଲିକ, ବଇଣ୍ଡା ଅବକାରୀ ବିଭାଗ ଏବଂ ଅନୁଗୋଳ ମୋବାଇଲ ସ୍କ୍ୱାଡ ବୁଧବାର ସର୍ଗିପାଲି, ଗଦାଧରପୁର, ସୋରିଷପଙ୍କ, ଲୁଣହାଣ୍ଡି ଗ୍ରାମଗୁଡିକରେ ଚଢ଼ାଉ କରି ୩୩ ଲିଟର ମହୁଲି ମଦ ଓ ୨୦ କେଜି ପୋଚ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ନାରାୟଣ ବେହେରା, ତ୍ରିଲୋଚନ ସାହୁ, ପ୍ରମୋଦ ବେହେରା, ଭୂମିତା ଗାଇଗରିଆଙ୍କୁ ଗିରଫ କରାଯାଇଥିବା ଆଠମଲ୍ଲିକ ଅବକାରୀ ଇନ୍ସପେକ୍ଟର ସୁମତି ତ୍ରିପାଠୀ ସୂଚନା ଦେଇଛନ୍ତି। ଚଢ଼ାଉରେ ଆଠମଲ୍ଲିକ ଅବକାରୀ ବିଭାଗର ଏସ୍ଆଇ ପ୍ରଫୁଲ୍ଲ କୁମାର ପତି, ବଇଣ୍ଡା ଅବକାରୀ ବିଭାଗର ଏଏସ୍ଆଇ ଅରୁଣ ଚାଉଳିଆ, ଅନୁଗୋଳ ମୋବାଇଲ ସ୍କ୍ୱାଡର ଏଏସ୍ଆଇ ମହମ୍ମଦ ଜାକିର ହୁସେନ ଏବଂ ଆଠମଲ୍ଲିକ ଅବକାରୀ ବିଭାଗ ଇନ୍ସପେକ୍ଟର ସୁମତି ତ୍ରିପାଠୀଙ୍କ ସମେତ ବିଭାଗୀୟ କର୍ମଚାରୀ ସାମିଲ ଥିଲେ।

### ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିଆଇଟିୟୁର ଦାବିପତ୍ର

**ଅନୁଗୋଳ ଅଫିସ, ୨୨।୮:** ବିଭିନ୍ନ ଦାବି ନେଇ ସିଆଇଟିୟୁ ପକ୍ଷରୁ ଗୁରୁବାର ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅନୁଗୋଳ ଜିଲା ଶ୍ରମ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସଙ୍ଗଠନର ସଦସ୍ୟମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ନିର୍ମାଣ ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମଜୁରି ୨୦ ହଜାର ଟଙ୍କା ଧାର୍ଯ୍ୟ କରାଯିବା, ବାସଗୃହ ସହାୟତା ରାଶି ୩ ଲକ୍ଷ ଟଙ୍କାକୁ ବୃଦ୍ଧି, ଦୁର୍ଘଟଣା ଜନିତ ମୃତ୍ୟୁ କ୍ଷେତ୍ରରେ ୮ ଲକ୍ଷ, ଅକ୍ଷମ ହେଲେ ୩ ଲକ୍ଷ ଓ ସାଧାରଣ ମୃତ୍ୟୁ ପାଇଁ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ, ନିର୍ମାଣ ଶ୍ରମିକ ପରିବାରକୁ ସ୍ୱାସ୍ଥ୍ୟବୀମାରେ ଅନ୍ତର୍ଭୁକ୍ତ ଆଦି ସହ ଓଡ଼ିଶା କନଷ୍ଟ୍ରକଶନ ୱାର୍କ୍ସ ୟୁନିୟନ କଟକ ଜିଲା ଶାଖା ଉପରେ ଲାଗିଥିବା ପ୍ରତିବନ୍ଧ ହଟାଇବାକୁ ଦାବି କରାଯାଇଛି।

# ନିଯୁକ୍ତି, ଥଇଥାନ ଦାବିରେ ଆନ୍ଦୋଳନ



ଗ୍ରାମବାସୀ ଖଣି ବନ୍ଦ ଆନ୍ଦୋଳନ ଚଳାଇଛନ୍ତି।

**ତାଳଚେର, ୨୨।୮(ନି.ପ୍ର.)**

ନିଯୁକ୍ତି , ୨୦୦୬ ଅଧିନିୟମ ଅନୁଯାୟୀ ଥଇଥାନ କରିବା ଆଦି ଦାବି ନେଇ ତାଳଚେର ବ୍ଲକ ଗୋପାଳପ୍ରସାଦ ପଞ୍ଚାୟତ କୁସୁମପାଳ, ମଲ୍ଲୀବନ୍ଧ, ଭାଲୁଗାଡିଆ ଗ୍ରାମବାସୀଙ୍କ ପକ୍ଷରୁ ଗୁରୁବାର ଖଣି ବନ୍ଦ ଆନ୍ଦୋଳନ କରାଯାଇଥିଲା। ସକାଳ ୫ଟାରେ ଗ୍ରାମର ଶତାଧିକ ଜମିହରା ହିଙ୍ଗୁଳା କୋଇଲା ଖଣି, ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, ଟାଇମ ଅଫିସ ଓ ଶାଳବଣିଆସ୍ଥିତ ପରିବହନ ରାସ୍ତାରେ ବସି ଆନ୍ଦୋଳନ ଚଳାଇଥିଲେ। ଫଳରେ ହିଙ୍ଗୁଳା କୋଇଲା ଖଣିରେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା।

ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, କୁସୁମପାଳ ଗ୍ରାମର ଜମି ଏମ୍ସିଏଲ୍ ହିଙ୍ଗୁଳା କୋଇଲା ଖଣି ଦ୍ୱାରା ଅଧିଗ୍ରହଣ ହୋଇଥିବା ବେଳେ ୯୮ ଜଣ ଜମିହରାଙ୍କୁ ଏପର୍ଯ୍ୟନ୍ତ ନିଯୁକ୍ତି ମିଳିନାହିଁ। ସେମାନଙ୍କ ନିଯୁକ୍ତି ସମ୍ପର୍କିତ ଫାଇଲ୍ର ପ୍ରୋସେସିଂ ଠିକ୍ ଭାବେ ହେଉ ନ ଥିବା ବେଳେ ବିଭିନ୍ନ ଆଳ ଦେଖାଇ ଖଣି କର୍ତ୍ତୃପକ୍ଷ ସମୟ ଗଡ଼ାଇ ଚାଲିଛନ୍ତି। ୨୦୦୬ ପଲିସି ଅନୁଯାୟୀ ନିଯୁକ୍ତି ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରିବା ପାଇଁ ଏମ୍ସିଏଲ୍ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ତେବେ ଏମ୍ସିଏଲ୍ର ବରିଷ୍ଠ ଖଣି ଅଧିକାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରି ଆସନ୍ତା ୨୬ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏ ସମ୍ପର୍କରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବାକୁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୪ଟାରେ ଖଣି ବନ୍ଦ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଗ୍ରାମ ସଭାପତି ମିଲୁ ଜେନା, ସମ୍ପାଦକ ସନାତନ ଦେହୁରୀ, ରୋହିତାସ ଦେହୁରୀ, ବିଭୂତି ପଡିଆର, ବଳରାମ ଦେହୁରୀ, ପ୍ରଶାନ୍ତ ବେହେରା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

## ଶୂନ୍ୟ ଦୁର୍ଘଟଣା ଉପରେ ଗୁରୁତ୍ୱାରୋପ

**ଅନୁଗୋଳ ଅଫିସ, ୨୨।୮**

ଶିଳ୍ପ ସଂସ୍ଥା ଓ ଏହାର ପାରିପାର୍ଶ୍ୱିକ ଜନସାଧାରଣଙ୍କ ସୁରକ୍ଷା ତଥା ନିରାପତ୍ତା ପାଇଁ ଜିଲା ସଙ୍କଟ ଗୋଷ୍ଠୀର ପରିଚାଳନା ବୈଠକ ମଙ୍ଗଳବାର ଜିଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିଳ୍ପାନୁଷ୍ଠାନଗୁଡ଼ିକର ପାରିପାର୍ଶ୍ୱିକ ଅଞ୍ଚଳର ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶୂନ୍ୟ ଦୁର୍ଘଟଣା ଓ ଶୂନ୍ୟ ଜୀବନହାନି ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳ ଶିଳ୍ପ ସଂସ୍ଥାର ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଯୋଗଦେଇ ଶିଳ୍ପ ସଂସ୍ଥାର ପାରିପାର୍ଶ୍ୱିକ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ମକ୍ ଡ୍ରିଲ ତଥା ବିଭିନ୍ନ ସଚେତନତା ବାର୍ତ୍ତା ମାଧ୍ୟମରେ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। କାରଖାନା ଓ ବାଷ୍ପିତ୍ର ବିଭାଗ ସହକାରୀ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ହାଁସଦା, ଜିଲା ବିପର୍ଯ୍ୟୟ ପରିଚାଳନା ଡିପିଓ ପ୍ରଦୋଷ କୁମାର ଶତପଥୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ ଶିଳ୍ପ ସଂସ୍ଥା ପ୍ରତିନିଧିମାନେ ଯୋଗଦେଇଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ



ବୈଠକରେ ବିଧାୟକଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ ଅନ୍ୟମାନେ।

**ଛେଣ୍ଡିପଦା,୨୨।୮(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗୁରୁବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଧୀରେନ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗ ଦେଇ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜନସାଧାରଣଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଣ ଓ ଡାକ୍ତରଖାନାର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଏହା ସହିତ ସମସ୍ତ ସ୍ୱାସ୍ଥ୍ୟଭିତ୍ତିକ ଯୋଜନା କାର୍ଯ୍ୟକାରିତା ଉପରେ ବିଭାଗୀୟ ଅଧିକାରୀମାନେ ଦାୟିତ୍ୱବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ଜିଲାପାଳ ମନୋଜ କୁମାର ମହାନ୍ତି ସ୍ୱାସ୍ଥ୍ୟକେନ୍ଦ୍ରର ଆନୁଷଙ୍ଗିକ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ପରେ ବିଭିନ୍ନ ୱାର୍ଡ ପରିଦର୍ଶନ କରିଥିଲେ। ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସଞ୍ଜୟ କୁମାର ବେହେରା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଡ. ଅଭିଜିତା ସାହୁ, ସମିତି ସଦସ୍ୟ ପ୍ରଦୀପ କୁମାର ସାହୁ, ଦିଲୀପ କୁମାର ସାହୁ, ଲକ୍ଷ୍ମଣ ବେହେରା, ସନ୍ଧ୍ୟାରାଣୀ ସାହୁ, ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ଯନ୍ତ୍ରୀ ସନ୍ତୋଷ କୁମାର ଦାସଙ୍କ ସମେତ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଖୁଡ଼ୀ ହତ୍ୟାକାରୀ ପୁତୁରାଙ୍କୁ ଆଜୀବନ ଜେଲ

**ଅନୁଗୋଳ ଅଫିସ, ୨୨।୮**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଜଳତାପ ଗ୍ରାମରେ ୨୦୧୮ରେ ହୋଇଥିବା ଏକ ହତ୍ୟା ମାମଲାର ବିଚାର କରି ଗୁରୁବାର ଅନୁଗୋଳ ଆଡିଶନାଲ ଡିଷ୍ଟ୍ରିକ୍ଟ ଆଣ୍ଡ ସେସନ୍ ଜଜ୍ କମ୍ ସ୍ପେଶାଲ ଜଜ୍ ଭିଜିଲାନ୍ସ ରୂପଶ୍ରୀ ଚୌଧୁରୀ ଅଭିଯୁକ୍ତ ସୁମନ୍ତ ଗଡ଼ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟ ସ୍ଥଳେ ଅଧିକ ୬ ମାସ ଜେଲ ଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ମୋଟ୍ ୨୨ ଜଣଙ୍କ ସାକ୍ଷ୍ୟକୁ ଭିତ୍ତିକରି କୋର୍ଟ ଏଭଳି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଆଡିଶନାଲ ପିପି ଅଭୟ କୁମାର ଗଡ଼ନାୟକ ମାମଲା ପରିଚାଳନା କରିଥିଲେ।

ବିବରଣୀରୁ ପ୍ରକାଶ ଯେ, ୨୦୧୮ ଜୁନ ୧୬ରେ ଜଳତାପ ଗ୍ରାମର ମନୋରମା ଗଡ଼ନାୟକ ଘଣଘଣିମୁଣ୍ଡାଠାରେ ଥିବା ଭାଲିଆ ବଗିଚାକୁ କାଜୁ ତୋଳିବାକୁ ଯାଇଥିବା ବେଳେ ସେଠାରେ ତାଙ୍କୁ ପୁତୁରା ସୁମନ୍ତ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଧାର ନେଇଥିବା ୧୫ଶହ ଟଙ୍କା ଦେବାକୁ ଖୁଡ଼ୀ ମନୋରମା ବାରମ୍ବାର ତାଗିଦ କରିବା ଏପରି କି ଗାଳିଗୁଲଜ କରୁଥିବାରୁ ସୁମନ୍ତ ରାଗରେ ତାଙ୍କୁ ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ମନୋରମାଙ୍କ ସ୍ୱାମୀ ପ୍ରଫୁଲ୍ଲଙ୍କ ଅଭିଯୋଗକୁ ଆଧାର କରି ଛେଣ୍ଡିପଦା ପୋଲିସ ନଂ. ୧୪୬/୧୮ରେ ମାମଲା ରୁଜୁ କରି ସେହି ବର୍ଷ ଜୁନ୍ ୧୮ରେ ସୁମନ୍ତଙ୍କୁ ଗିରଫ କରିଥିଲା।

## ଜ୍ଞାନ ବିଜ୍ଞାନ ମେଳା

**କଣିହାଁ,୨୨।୮(ଡି.ଏନ.ଏ.)**

କଣିହାଁ ବ୍ଲକ ଏନ୍ଟିପିସି ଦୀପଶିଖାସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ଗୁରୁବାର ଜ୍ଞାନ ବିଜ୍ଞାନ ମେଳା ଓ ସଂସ୍କୃତ ଦିବସ ପାଳିତ ହୋଇଛି। ଅତିଥି ଭାବେ ଏନ୍ଟିପିସି ପ୍ରକଳ୍ପ ଜିଏମ କରୁଣାକର ଦାସ, ଶିଶୁ ମନ୍ଦିର ଚେୟାରମ୍ୟାନ ତଥା ପ୍ରକଳ୍ପ ଅଧିକାରୀ ଚୌଧୁରୀ ପିକେ ଦାସ, ଶିକ୍ଷା ବିକାଶ ସମିତି (ଆଇଟି) ବିଭାଗ ଅନୁଗୋଳ ନିରୀକ୍ଷକ ବିଜନ କୁମାର ଜେନା ଯୋଗଦେଇ ଜ୍ଞାନ ବିଜ୍ଞାନ ମେଳା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣକୁ ବିକଶିତ କରିଥାଏ ବୋଲି ମତପ୍ରକାଶ କରିଥିଲେ। ଉଦଯାପନୀ ଉତ୍ସବରେ ବିଚାରକ ଭାବେ ଯନ୍ତ୍ରୀ ଆଶିଷ ଦାସ, ଲକ୍ଷ୍ମୀଧର ବିଶ୍ୱାଳ, ସଂସ୍କୃତ ଶିକ୍ଷକ ଶ୍ରୀକାନ୍ତ ମିଶ୍ର, କୈଳାସ ତ୍ରିପାଠୀ, ନିରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ୧୩୫ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ୬୪ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କଲେ ଛାତ୍ରୀଛାତ୍ର

**ତାଳଚେର,୨୨।୮(ନି.ପ୍ର.)**

ତାଳଚେର ବ୍ଲକ କଳମଛୁଇଁସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଶିକ୍ଷାବିତ୍ ଦିବାକର ବାରିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଜ୍ଞାନ ଶିକ୍ଷକ ନିରାକର ବାରିକ ଯୋଗ ଦେଇ ମେଳାକୁ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ କୁମାର ମାଝି ଓ ଶୋଭାଗିନୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ଆଚାର୍ଯ୍ୟ ଚତୁର୍ଭୂଜ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଅନିଲ କୁମାର ଦେହୁରୀ ବିଜ୍ଞାନ ମେଳାର ତାତ୍ପର୍ଯ୍ୟ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଏହି ଜ୍ଞାନ ବିଜ୍ଞାନ ମେଳାରେ ୬୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ଝସକେତନ ନାୟକ ଓ ବାଣୀକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ତପନ ସାହୁ, ଶ୍ରବଣ କୁମାର ଭୋଇ, କରନ ସାହୁ, ଶୁଭାଶିଷ ସାହୁ, ନିହାର ରଞ୍ଜନ ବେହେରା, ସୁରଞ୍ଜନ ସାହୁ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଚାର୍ଯ୍ୟା ଦମୟନ୍ତୀ ନନ୍ଦ ଓ ବୈଦେହୀ ସାହୁ ପରିଚାଳନା କରିଥିବା ବେଳେ ବିଦ୍ୟାଳୟ ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ପ୍ରକାଶ ଚନ୍ଦ୍ର ପ୍ରଧାନ, ରବିନ କୁମାର ବରାଳ, କମଳ ଲୋଚନ ପ୍ରଧାନ, ଦୁର୍ଯ୍ୟୋଧନ ନାୟକ, ବୀଣାପାଣି ବାରିକ, ମୋନାଲିସା ମହାନ୍ତି ପ୍ରମୁଖଙ୍କ ସହ ସମସ୍ତ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ।



ଛାତ୍ରୀମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

# ୟୁଥ୍ କ୍ଲବକୁ ସହାୟତା ପାଇଁ ଦରଖାସ୍ତ ଆହ୍ୱାନ

**ଅନୁଗୋଳ ଅଫିସ, ୨୨।୮**

ଅନୁଗୋଳ ଜିଲାରେ କାର୍ଯ୍ୟରତ ସ୍ୱୀକୃତିପ୍ରାପ୍ତ ଓ ଅଣସ୍ୱୀକୃତିପ୍ରାପ୍ତ ୟୁଥ୍ କ୍ଲବ ଗୁଡ଼ିକର ଉନ୍ନତି ପାଇଁ ରାଜ୍ୟ ସରକାର ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି। ଏ ସମ୍ପର୍କିତ ସମସ୍ତ ଗାଇଡ ଲାଇନ୍ ଓ ଆବେଦନ ଫର୍ମ ଅନୁଗୋଳ ଜିଲା ୱେବସାଇଟ୍ ସମେତ ସମସ୍ତ ବ୍ଲକ, ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଉପଲବ୍ଧ ଅଛି। ଆଗ୍ରହୀ ୟୁଥ୍ କ୍ଲବ ଗୁଡ଼ିକ ଏହି ସହାୟତା ରାଶି ପାଇବା ପାଇଁ ଆବଶ୍ୟକ ଫର୍ମ ପୂରଣ କରି ନିଜ ଅଞ୍ଚଳର ବ୍ଲକ କିମ୍ବା ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଦାଖଲ କରିବେ। ଜିଲାସ୍ତରୀୟ କମିଟି ଦ୍ୱାରା ସମସ୍ତ ଦସ୍ତାବିଜ ଯାଞ୍ଚ ପରେ ଉପଯୁକ୍ତ ୟୁଥ୍ କ୍ଲବକୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ୧୫ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ ଜଣାଇ ଦିଆଯାଇଛି। ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀମାନଙ୍କୁ ଚଳିତ ମାସ ୨୫ ତାରିଖ ସୁଦ୍ଧା ଆବେଦନ କରିବାକୁ ଜଣାଇ ଦିଆଯାଉଛି।

## ବରିଷ୍ଠ ନାଗରିକଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ବଁଅରପାଳ, ୨୨।୮(ଡି.ଏନ.ଏ.)**

ନାଲକୋ ଥାନା ବଳରାମ ପ୍ରସାଦ ଗ୍ରାମ କଇଁଫୁଲିଆ ସାହିର ଯୋଗେଶର ବିଶ୍ୱାଳ(୬୬)ଙ୍କୁ ନାଲ୍କୋ ପୋଲିସ ଦୁର୍ବ୍ୟବହାର କରିଥିବା ନେଇ ସେ ଅନୁଗୋଳ ଏସ୍ପିଙ୍କଠାରେ ଗୁରୁବାର ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି, ବୁଧବାର ରାତିରେ ନାଲ୍କୋ ଥାନା ଅଧିକାରୀ ଗୀତାଞ୍ଜଳି ସାହୁ ଓ ଅନ୍ୟ କେତେଜଣ କର୍ମଚାରୀ ତାଙ୍କ ଘରେ ପଶି ଗ୍ରାମର ଏକ ରାହାସ ବାଡି ଘର ନିର୍ମାଣ କାର୍ଯ୍ୟକୁ କେନ୍ଦ୍ର କରି ଗାଳିଗୁଲଜ କରିବା ସହ ଧମକ ଚମକ ଦେଇଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀଙ୍କୁ ବାରମ୍ବାର ଫୋନ ନମ୍ବର ୯୪୩୭୨୧୩୫୧୨ରେ ରାତି ସାଢେ ୮ଟା ପର୍ଯ୍ୟନ୍ତ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ ନ ଉଠାଇବାରୁ ମତାମତ ମିଳିପାରି ନାହିଁ। ଏ ସମ୍ପର୍କରେ ଅନୁଗୋଳ ଏସ୍ଡିପିଓ ଅଶ୍ୱିନୀ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ସେମିତି କିଛି ଘଟଣା ଘଟିଥିବା ନଜରକୁ ଆସିନାହିଁ। ଯଦି ଅଭିଯୋଗ ଆସିଛି ଏହାର ତଦନ୍ତ କରାଯିବ।

## ଚୌରାଶୀ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି



**ମାଧପୁର, ୨୨।୮**

ଆଠମଲ୍ଲିକ ବ୍ଲକ ମାଧପୁର ହାଟ ମଣ୍ଡପରେ ଚୌରାଶୀ ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ଗୁରୁବାର ପୂଜା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ବରିଷ୍ଠ ସଦସ୍ୟ ଘନଶ୍ୟାମ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ କମିଟିର ପୁରୁଣା କର୍ମକର୍ତ୍ତାଙ୍କୁ ଚଳିତ ଥର ପାଇଁ ପୁନଃ ଚୟନ କରାଯାଇଥିଲା। ପରେ ଗତବର୍ଷର ଆୟବ୍ୟୟ ହିସାବ କରାଯାଇଥିଲା। ଏବେ ସୁଦ୍ଧା ୪ ଲକ୍ଷ ୩୯ହଜାର ଟଙ୍କାର ବଳକା ରାଶି ଥିବା ବୈଠକରେ ସୂଚନା ଦିଆଯାଇଥିଲା। ଶେଷରେ ଚଳିତ ବର୍ଷ ମଧ୍ୟ ଗତ ବର୍ଷ ଭଳି ଉପହାର ସମ୍ଭାର କାର୍ଯ୍ୟକ୍ରମ, ମୀନାବଜାର, ଭଜନ ସମାରୋହ, ମେଲୋଡି, ଅପେରା ଆଦି କାର୍ଯ୍ୟକ୍ରମ ସହିତ ଦଶଦିନ ଧରି ପୂଜା ସମ୍ପନ୍ନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସ୍ଥାନୀୟ ବ୍ୟବସାୟୀ, ନେତୃବୃନ୍ଦ, ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଅଜିତ କୁମାର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ଖଣି ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ତାଳଚେର, ୨୨।୮(ନି.ପ୍ର.)**

ତାଳଚେରସ୍ଥିତ ଏମ୍ସିଏଲ୍ ହିଙ୍ଗୁଳା କୋଇଲା ଖଣିର ବୈଦ୍ୟୁତିକ ଓ ଯାନ୍ତ୍ରିକ ବିଭାଗ ଅଧିକାରୀ ଚନ୍ଦ୍ରମୌଳି କାଳପେଣ୍ଡୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ସାଉଥବଲଣ୍ଡାସ୍ଥିତ ଅଫିସର୍ସ କ୍ଲବ ପରିସରରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ବରିଷ୍ଠ କର୍ମଚାରୀ ସୁବାସ ଚନ୍ଦ୍ର ସେଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଖଣି ଅଧିକାରୀ ସୋମନାଥ ବେହେରା, ରାହୁଲ ଚେନ୍ନାପା, ସୌଭିକ ଦେ, ବିଶ୍ୱଜିତ୍ ମହାପାତ୍ର, ପ୍ରଦୀପ ପ୍ରସାଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଚନ୍ଦ୍ରମୌଳିଙ୍କ ଦୀର୍ଘ, ନିରାମୟ ଜୀବନ କାମନା ସହ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଭୂତି ଭୂଷଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରବି ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଅରୁଣ କୁମାର ପ୍ରଧାନ, ହିମାଂଶୁ ଭୂଷଣ ରାଉତ, ଶଙ୍କର୍ଷଣ ରାଉଳ, ଅନିଲ କୁମାର ମହାରଣା, ପ୍ରକାଶ ବେହେରା, ମଧୁସୂଦନ ପ୍ରଧାନ ପ୍ରମୁଖଙ୍କ ସହ ବୈଦ୍ୟୁତିକ ଓ ଯାନ୍ତ୍ରିକ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଚିକିତ୍ସାଳୟ ପରିସରରୁ ଗାଡ଼ି ଚୋରି

**ଅନୁଗୋଳ ଅଫିସ, ୨୨।୮**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଗୁରୁବାର ଏକ ବାଇକ୍ (ନଂ. ଓଡି୦୨ଭି–୬୦୫୪) ଚୋରି ହୋଇଥିବା ଢେଙ୍କାନାଳ ଜିଲା ରାସୋଳ ଅଞ୍ଚଳର ଯଶୋବନ୍ତ ସାହୁ ଅନୁଗୋଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଆଶାକର୍ମୀ ତାଲିମ ଶିବିର ଉଦ୍ଯାପିତ

**ବଇଣ୍ଡା,୨୨।୮(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଣିନାଳୀ ବିଶ୍ୱ ଯୁବକେନ୍ଦ୍ର ପରିସରରେ ରାଜ୍ୟ ସ୍ୱାସ୍ଥ୍ୟ ମିଶନ ଓ ଜିଲା ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ବିଶ୍ୱ ଯୁବକେନ୍ଦ୍ରଠାରେ ଚାଲିଥିବା ୫ ଦିନିଆ ଆଶା ତାଲିମ ଶିବିର ଗୁରୁବାର ଉଦ୍ଯାପିତ ହୋଇଯାଇଛି। ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଏହାକୁ ଉଦ୍ଘାଟନ କରିଥିଲେ। ଏଥିରେ ବ୍ଲକର ୨୮ ଜଣ ଆଶାକର୍ମୀ ଅଂଶଗ୍ରହଣ କରିଥିଲେ। ଡାକ୍ତର ସରୋଜ କୁମାର ନନ୍ଦ ଓ ଡାକ୍ତର ସତ୍ୟନାରାୟଣ ସିଂ ସାମନ୍ତ ପ୍ରଶିକ୍ଷକ ଭାବେ ଯୋଗଦେଇ ଗର୍ଭବତୀ ମହିଳାଙ୍କ ପ୍ରତି ଆଶାକର୍ମୀଙ୍କ ଭୂମିକା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡ. ମାନସ କୁମାର ବେହେରା ଯୋଗଦେଇ ଗ୍ରାମାଞ୍ଚଳରେ ପ୍ରସୂତି ଓ ଶିଶୁ ମୃତ୍ୟୁହାରକୁ କିଭଳି ରୋକା ଯାଇପାରିବ ସେଥିପ୍ରତି ଆଶାକର୍ମୀମାନେ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅଭିଶେଖ ମହାପାତ୍ର, ଅଭୟ ଚରଣ ସ୍ୱାଇଁ, ରମେଶ ଚନ୍ଦ୍ର ଦେହୁରି ପ୍ରମୁଖ ପରିଚାଳନା କରିଥିଲେ।




ତାଲିମ ଶିବିରରେ ଆଶାକର୍ମୀଙ୍କ ସହ ଅତିଥିମାନେ।

ଧରିତ୍ରୀର ଢେଙ୍କାନାଳ ସଂସ୍କରଣ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଁଅରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଆତ୍ମରକ୍ଷା କୌଶଳ ସଚେତନତା ଶିବିର



**ଢେଙ୍କାନାଳ ଅଫିସ, ୨୨।୮:** ଢେଙ୍କାନାଳ କଲେଜରେ ବୁଧବାର ଜିଲାସ୍ତରୀୟ ଆତ୍ମରକ୍ଷା କୌଶଳ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୨୦ରୁ ଊର୍ଦ୍ଧ୍ୱ କଲେଜର ସଂଯୋଜକ ଅଂଶଗ୍ରହଣ କରିଥିଲେ। ଅଧକ୍ଷା ଡ. ରଶ୍ମି ମିଶ୍ର ଏହାକୁ ଉଦ୍‌ଘାଟନ କରିବା ସହ ସମସ୍ତ କାର୍ଯ୍ୟ ସୁଚାରୁରୂପେ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ରମେଶ ଚନ୍ଦ୍ର ବେହେରା, ଜିଲା ସଂଯୋଜକ ଅଧାପକ ଶାରଦା ପ୍ରସନ୍ନ ପତି, ମହାବିଦ୍ୟାଳୟ ସଂଯୋଜିକା ଡ. ରଞ୍ଜିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଠିକାସଂସ୍ଥା କର୍ମଚାରୀଙ୍କ ପ୍ରତିବାଦ

**ଢେଙ୍କାନାଳ ଅଫିସ, ୨୨।୮:** ଢେଙ୍କାନାଳ ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ଗାୟତ୍ରୀ ଠିକାସଂସ୍ଥା କର୍ମଚାରୀଙ୍କୁ ପ୍ରାପ୍ୟ ଦେଉ ନ ଥିବା ଅଭିଯୋଗ ହୋଇଛି। ପାରିଶ୍ରମିକରୁ ବଞ୍ଚିତ କର୍ମଚାରୀମାନେ ଗୁରୁବାର ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ। ଏହାକୁ ନେଇ କାମ ଠପ୍ ହୋଇଯିବା ସହ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଠିକାସଂସ୍ଥା ଅଧିକାରୀ କର୍ମଚାରୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି। ଏ ନେଇ ଠିକାସଂସ୍ଥା ପ୍ରକଳ୍ପ ପରିଚାଳକ ମୁରଲୀକ୍ରିଷ୍ଣା କୁହନ୍ତି, ଆଲୋଚନାପରେ ସମସ୍ୟାର ସମାଧାନ ହୋଇଛି। ଅପରାହ୍ନ ୨ଟା ପରେ କର୍ମଚାରୀମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି।

### ୫୨ ପରିବାର ବିଦ୍ୟୁତ୍ ସଂଯୋଗରୁ ବଞ୍ଚିତ

**ଢେଙ୍କାନାଳ ଅଫିସ, ୨୨।୮:** ଗଁଦିଆ ବ୍ଲକ ପିଙ୍ଗୁଆପାଟଣା ସାହିର ୫୨ ପରିବାର ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ହିତାଧିକାରୀମାନେ ଗୁରୁବାର ଜିଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ପରିବାରକୁ ସୌଭାଗ୍ୟ ଯୋଜନା ତାଲିକାଭୁକ୍ତ କରାଯାଇଛି। ବିଦ୍ୟୁତ୍ ସଂଯୋଗ କାର୍ଯ୍ୟ ନେଇଥିବା ଠିକାସଂସ୍ଥା ନାମକୁ ମାତ୍ର ବିଦ୍ୟୁତ୍ ବୋର୍ଡ ଲଗାଇ ପଳାଇଛି। ବର୍ଷେ ହେଲା ବିଦ୍ୟୁତ୍ ସଂଯୋଗ ଦିଆଯାଉନାହିଁ। ଅଭିଯୋଗ କଲେ ଠିକାସଂସ୍ଥା କର୍ମଚାରୀ ୧୦୦୦ରୁ ୧୫୦୦ ଟଙ୍କା ଲାଞ୍ଚ ମାଗୁଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରି ପଦକ୍ଷେପ ନେବାକୁ ଭାବିନୀ ସାହୁ, ଗୁରେଇ ସାହୁ, ବସନ୍ତ ସାହୁ, ରସାନନ୍ଦ ସାହୁ, ଶ୍ରୀମତୀ ମହାରଣା, ମଦନଲାଲ ସାହୁ ପ୍ରମୁଖ ଦାବି କରିଛନ୍ତି।

#### ଯୁବତୀଙ୍କୁ ପ୍ରତାରଣା ଘଟଣା

### ୪ଜଣଙ୍କ ନାମରେ ମାମଲା

**ପରଜଙ୍ଗ, ୨୨।୮(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଲୋଧଣି ଗ୍ରାମର ଜିତୁ ସାହୁ ନାମକ ଜଣେ ଯୁବକଙ୍କ ବିରୋଧରେ ଜଣେ ଯୁବତୀ ପ୍ରେମ ପ୍ରତାରଣା ଅଭିଯୋଗ ଆଣିଥିଲେ। ଗଣମାଧମରେ ଏହି ଖବର ପ୍ରକାଶ ପାଇବା ପରେ ଗୁରୁବାର ପୋଲିସ ପୀଡ଼ିତାଙ୍କୁ ଉଦ୍ଧାର କରିଛି। ଯୁବତୀଙ୍କ ଅଭିଯୋଗକୁ ଭିତ୍ତିକରି ଅଭିଯୁକ୍ତ ଜିତୁ, ତାଙ୍କ ବାପା ଲୋକନାଥ ସାହୁ, ମା' ଭାରତୀ ସାହୁ, ବିବାହିତା ଭଉଣୀ ରୀତା ବିଶ୍ୱାଳଙ୍କ ନାମରେ ମାମଲା (ନଂ. ୨୨୪/୧୯) ରୁଜୁ କରାଯାଇଛି। ଯୁବତୀଙ୍କ ଡାକ୍ତରୀମାଇନା କରାଯିବା ପରେ ୧୬୧ ଧାରାରେ ବୟାନ ରେକର୍ଡ କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନେ ଗିରଫ ହେବେ ବୋଲି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସସ୍ମିତା ପାଲ ସୂଚନା ଦେଇଛନ୍ତି।

### ତାଲା କାଟି ଦୋକାନରୁ ଚୋରି

**ପରଜଙ୍ଗ, ୨୨।୮(ଡି.ଏନ.ଏ.):** ପରଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ଅଧୀନ ତନଖି ଫାଟକ ନିକଟରେ ଥିବା ଧବଳେଶ୍ୱର ସାହୁଙ୍କ ରାଶନ ଦୋକାନ ତାଲା କାଟି ଦୁର୍ବୃତ୍ତମାନେ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଯାଇଛନ୍ତି। ବୁଧବାର ରାତିରେ ଧବଳେଶ୍ୱର ଦୋକାନ ବନ୍ଦ କରି ଘରକୁ ଆସିଥିଲେ। ଗୁରୁବାର ସକାଳେ ଦୋକାନ ଖୋଲିବାକୁ ଯିବା ସମୟରେ ତାଲା କଟାଯାଇଥିବା ଦେଖିବାକୁ ପାଇଥିଲେ। ଅଭିଯୁକ୍ତମାନେ ଦୋକାନରୁ କମ୍ପ୍ୟୁଟର ଓଜନ ମେଶିନ ସମେତ ବିଭିନ୍ନ ସାମଗ୍ରୀ ନେଇଯାଇଛନ୍ତି। ଅଭିଯୋଗ ପରେ ଫାଣ୍ଡି ଅଧିକାରୀ ଦାମୋଦର ସାହୁ ତଦନ୍ତ ଆରମ୍ଭ କରିଛନ୍ତି।

## ଜିଲା ଚିକିତ୍ସାଳୟରେ ଆରମ୍ଭ ହେଲା 'ସଖୀ'

# ଗୋଟିଏ ଛାତ ତଳେ ମହିଳାଙ୍କୁ ସମସ୍ତ ସହାୟତା

**ଢେଙ୍କାନାଳ ଅଫିସ, ୨୨।୮**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟର ଷଷ୍ଠ ମହଲାରେ ୱାନ୍ ଷ୍ଟପ୍ ସେଣ୍ଟର 'ସଖୀ' ସହାୟତା କେନ୍ଦ୍ର ଗୁରୁବାର ଲୋକାର୍ପିତ ହୋଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ଜିଲା ପ୍ରଶାସନ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶୋଭା'ର ମିଳିତ ସହଯୋଗରେ ଏହି କେନ୍ଦ୍ର ଆରମ୍ଭ ହୋଇଛି। ଏହା ମାଧ୍ୟମରେ ଗୋଟିଏ ଛାତ ତଳେ ମହିଳାଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଏଡିଏମ୍‌ଓ (ପରିବାର କଲ୍ୟାଣ) ଡ. ବିଦ୍ୟୁତ୍ କୁମାର ନନ୍ଦ ସୂଚନା ଦେଇ କହିଲେ, ଏହି ସହାୟତା କେନ୍ଦ୍ରରେ ଶାରୀରିକ ଏବଂ ମାନସିକ ରୋଗରେ ପୀଡ଼ିତ ମହିଳାଙ୍କୁ ଆବଶ୍ୟକ ସେବା ଯୋଗାଇ ଦିଆଯିବ। ସ୍ୱାସ୍ଥ୍ୟ ସମେତ ୨୪ଘଣ୍ଟିଆ ଆଇନଗତ ସହାୟତା ଉପଲବ୍ଧ ହେବ। ନାବାଳିକାମାନେ ମଧ୍ୟ ଏହି କେନ୍ଦ୍ରରୁ ଅନୁରୂପ ସହାୟତା ପାଇପାରିବେ। ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରସନ୍ନ କୁମାର ମଲ୍ଲିକ କହିଲେ, 'ସଖୀ' ସହାୟତା କେନ୍ଦ୍ର ମାଧ୍ୟମରେ ବଳାତ୍କାର, ପାରିପାରିକ ହିଂସା, ଏସିଡ୍ ଆକ୍ରମଣ, ଅପହରଣ, ନିଖୋଜ, ଯୌନ ଉତ୍ପୀଡ଼ନ, ଶୋଷଣ, ମହିଳା ଚାଲାଣ ମାମଲାର ପୀଡ଼ିତାଙ୍କୁ ସହାୟତା ଯୋଗାଇ ଦିଆଯିବ। ମହିଳାମାନେ ନିର୍ଭୟରେ ଏଠାରେ ଅଭିଯୋଗ କରିପାରିବେ ବୋଲି ସେ ସୂଚନା ଦେଇଛନ୍ତି। ଜାତୀୟ ଜୀବିକା ମିଶନ ପ୍ରକଳ୍ପ ପରିଚାଳକ ସଞ୍ଜୀବ କୁମାର ମହାନ୍ତି ଆଲୋଚନାରେ ଭାଗନେଇ କହିଲେ, ହିଂସାର ଶିକାର ହୋଇଥିବା ମହିଳା, ନାବାଳିକା, ଯୁବତୀଙ୍କୁ 'ସଖୀ' କେନ୍ଦ୍ର ଜରିଆରେ ପୋଲିସ ସହାୟତା, ଚିକିତ୍ସା ସୁବିଧା, ଆଇନଗତ ସହାୟତା, ମନସ୍ତାତ୍ତ୍ୱିକ ଏବଂ ସାମାଜିକ ପରାମର୍ଶ ମିଳିପାରିବ। ଆବଶ୍ୟକସ୍ଥଳେ ସେମାନେ ୫ଦିନ ସେଠାରେ ରହିପାରିବେ। ଏ ନେଇ ସମସ୍ତ ବ୍ୟବସ୍ଥା ଉପଲବ୍ଧ ରହିଛି। ପରିସ୍ଥିତିକୁ ସମୀକ୍ଷା କରାଯିବା ପରେ ପୀଡ଼ିତାଙ୍କୁ ଅନ୍ୟାନ୍ୟ ସହାୟତା ମଧ୍ୟ ମିଳିବ ବୋଲି ସେ କହିଥିଲେ।

ପ୍ରାରମ୍ଭରେ 'ଶୋଭା'ର ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟା ନିବେଦିତା ରଥ, ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଜିଲା ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣିଙ୍କ ସମେତ ସମସ୍ତ ସିଡିପିଓ, ଆଇସିଡିଏସ୍ ସୁପରଭାଇଜର, ପ୍ରୋଗ୍ରାମ ଅଫିସର, ସ୍ୱାସ୍ଥ୍ୟ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।



ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା 'ସଖୀ' ସହାୟତା କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

### ତଳ ମହଲାରେ କାର୍ଡିଓଲୋଜି ଓପିଡି

**ଢେଙ୍କାନାଳ ଅଫିସ, ୨୨।୮**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ତଳ ମହଲାରେ ଗୁରୁବାର କାର୍ଡିଓଲୋଜି ଓପିଡି ଉଦ୍‌ଘାଟିତ ହୋଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ସିଡିଏମ୍‌ଓ ଦାୟିତ୍ୱରେ ଥିବା ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଏଡିଏମ୍‌ଓ (ମେଡିକାଲ) ଡା. ସଂକଳ୍ପ କେଶରୀ ଭୋଳ, ଡା. ନଗଜାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଲୋକାର୍ପିତ ହୋଇଥିବା ଓପିଡିରେ ଜିଲାପାଳ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପ୍ରତିମାସ ତୃତୀୟ ଏବଂ ଚତୁର୍ଥ ପାଳି ଗୁରୁବାର ହୃଦ୍‌ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡା. ତନ୍ମୟ କୁମାର ଦାସ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବେ ବୋଲି ଚିକିତ୍ସାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : dklselfie@gmail.com


@ ବନ୍ଦିତା


@ ସଜନୀ

## ଦକ୍ଷତା ବୃଦ୍ଧି କର୍ମଶାଳା

# 'ଆତ୍ମବିଶ୍ୱାସ ସଫଳତା ଆଣିଦେବ'



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**କାମାକ୍ଷାନଗର, ୨୨।୮(ଡି.ଏନ.ଏ.)**

ଆତ୍ମବିଶ୍ୱାସ ଭିତରେ ହିଁ ଲୁଚି ରହିଥାଏ ଦକ୍ଷତା। ସବୁ ସମୟରେ ଆତ୍ମବିଶ୍ୱାସ ରଖି କାମ କରି ଚାଲିଲେ ନିଶ୍ଚୟ ସଫଳତା ମିଳିବ ବୋଲି କହିଛନ୍ତି କାମାକ୍ଷାନଗର ତହସିଲଦାର ସୁଧାଂଶୁ ମହାନ୍ତି। କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲ ପରିସରରେ ଗୁରୁବାର ଅନୁଷ୍ଠିତ ଦକ୍ଷତା ବୃଦ୍ଧି ସମ୍ପର୍କିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏହା କହିଥିଲେ। କଲେଜର ପୂର୍ବତନ ଅଧକ୍ଷ ମେଜର ପ୍ରଭାତ କୁମାର ଦାଶ ମୁଖ୍ୟବକ୍ତା ଭାବେ ଆଲୋଚନାରେ ଭାଗନେଇ କହିଲେ, ଦକ୍ଷତା ବୃଦ୍ଧି ପାଇଁ ନିର୍ଦ୍ଦିଷ୍ଟ ପରିସର ନାହିଁ। ଆମ ଚାରିପଟେ ପ୍ରତି ମୁହୂର୍ତ୍ତରେ ଘଟୁଥିବା ବିଭିନ୍ନ ବିଷୟକୁ ଅନୁଶୀଳନ କଲେ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଥାନାଧିକାରୀ ନିରଞ୍ଜନ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ନିଜର ଦକ୍ଷତା ଅନୁଯାୟୀ ସଫଳତା ମିଳେ। ଏହାକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପରିସ୍ଫୁଟନ କରିବା ଆବଶ୍ୟକ। ଏଥିପ୍ରତି ଛାତ୍ରୀଛାତ୍ର ଧ୍ୟାନ କେନ୍ଦ୍ରୀଭୂତ କରିବା ଜରୁରୀ ବୋଲି ସେ କହିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ଷଡ଼ଙ୍ଗୀ, ଚିତ୍ତରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ପୂର୍ବ ଭାରତ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଚାମ୍ପିୟନ ହୋଇ ଜାତୀୟସ୍ତରକୁ ଚୟନ ହୋଇଥିବା ନାଟକ 'ସୃଷ୍ଟି-ନିଡ୍‌ସ କେୟାର' ପୁଣିଥରେ କାନପୁରା ପଞ୍ଚାୟତିରାଜ ହାଇସ୍କୁଲକୁ ସାରା ଦେଶରେ ପରିଚିତ କରାଇଛି। ନାଟକର ନିର୍ଦ୍ଦେଶକ ଦୀନେଶ ଦାସ ଏବଂ ଏଥିରେ ଅଭିନୟ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସହକାରୀ ପ୍ରଧାନ ଶିକ୍ଷକ ସୁରେଶ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### ଜନସୁରକ୍ଷା ପରିଷଦ ପକ୍ଷରୁ ଶୋକସଭା

**ଢେଙ୍କାନାଳ ଅଫିସ, ୨୨।୮**

ଢେଙ୍କାନାଳ ଜନସୁରକ୍ଷା ପରିଷଦ ତରଫରୁ ଭଗବାନପୁରସ୍ଥିତ ରାଧାକୃଷ୍ଣ ମଣ୍ଡପରେ ଗୁରୁବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ବିନାୟକ ଶତପଥୀଙ୍କ ସଭାପତିତ୍ୱରେ ପୂର୍ବତନ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ, ସାମ୍ବାଦିକ ରଣଜିତ୍ ଗୁରୁ, ସାହିତ୍ୟିକା ପଙ୍କଜିନୀ ଦାଶ, ନାଟ୍ୟକାର ବିପିନ ବିହାରୀ ପଟ୍ଟନାୟକଙ୍କ ବିୟୋଗରେ ଶୋକବ୍ୟକ୍ତ କରାଯାଇଥିଲା। ସମ୍ପାଦକ ବାହାଦୁର ପାଟସାହାଣୀ, ସହକାରୀ ସମ୍ପାଦକ କମଳ ମିଶ୍ର, ଉପଦେଷ୍ଟା ପ୍ରମୋଦ ମିଶ୍ର, ଈଶ୍ୱର ଚନ୍ଦ୍ର ମୁଦୁଲି, ଶ୍ରୀବତ୍ସ ଜେନା, ନଜରୁଲ ଇସଲାମ୍, ଅଧ୍ୟାପକ କ୍ଷୀରୋଦ ଚନ୍ଦ୍ର ନାୟକ, କୁଞ୍ଜ ବିହାରୀ ସାହୁ, ବିଦ୍ୟାଧର ବାରିକ, ଅଶ୍ୱିନୀ ବରାଳ, କମଳ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଦିବଂଗତ ଆତ୍ମାର ସ୍ମୃତିଚାରଣ କରିଥିଲେ।

ସେହିପରି ନାଟ୍ୟକାର ବିପିନ ବିହାରୀ ପଟ୍ଟନାୟକଙ୍କ ପରଲୋକରେ ଭାଜପା ପକ୍ଷରୁ ଶୋକ ପ୍ରକାଶ ପାଇଛି। ବିପିନ ୧୦୦ରୁ ଊର୍ଦ୍ଧ୍ୱ ନାଟକର ସ୍ରଷ୍ଟା। ତାଙ୍କ ବିୟୋଗରେ ନାଟ୍ୟଜଗତ ଜଣେ ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱଙ୍କୁ ହରାଇଲା ବୋଲି ମତପ୍ରକାଶ ପାଇଥିଲା। ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, କୃଷ୍ଣଚନ୍ଦ୍ର ପାତ୍ର, ବିଭୂତି ଭୂଷଣ ପ୍ରଧାନ, ନରେଶ ଚନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ପାତ୍ର, ନବକିଶୋର ଗୁରୁ, ମାତୃପ୍ରସାଦ ନନ୍ଦ ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ସମସ୍ୟା ବୁଝିଲେ ଜେଏମ୍‌ଏଫ୍‌ସି

# ଦଳିତ ସାହିରେ ଜଳିବ ବିଜୁଳି


ଜେଏମ୍‌ଏଫ୍‌ସି ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

**ଭୁବନ, ୨୨।୮(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଗଡ଼ନୃସିଂହପ୍ରସାଦ ଗ୍ରାମର ଦଳିତ ସାହିରେ ଖୁବ୍‌ଶୀଘ୍ର ଜଳିବ ବିଜୁଳି। ବିଦ୍ୟୁତ୍ ସଂଯୋଗରୁ ବଞ୍ଚିତ ୩୫ ଦଳିତ ପରିବାରର ଭାଗ୍ୟ ବଦଳିବ। ଭୁବନ କୋର୍ଟ ଜେଏମ୍‌ଏଫ୍‌ସି ଶ୍ରୀଚନ୍ଦନ ଦାସ ଗୁରୁବାର ଗ୍ରାମବାସୀ ଏବଂ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ସହ ମିଳିତ ଭାବେ ଆଲୋଚନା କରିବା ପରେ ସମସ୍ୟା ସମାଧାନ ହେବାର ବାଟ ଖୋଲିଛି।

ଗଡ଼ନୃସିଂହପ୍ରସାଦ ଗ୍ରାମ ଦଳିତ ସାହିରେ ୯୫ ପରିବାର ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୩୫ ପରିବାର ସରକାରଙ୍କ ସୌଭାଗ୍ୟ ଯୋଜନାରେ ସାମିଲ ହୋଇଛନ୍ତି। ବର୍ଷେ ହେଲା ଖୁଣ୍ଟ ପୋତାଯାଇ ହିତାଧିକାରୀଙ୍କ ଘରକୁ ତାର ଟଣାଯାଇଛି। ହେଲେ ଏଯାଏ ବିଦ୍ୟୁତ୍ ସଂଯୋଗ ଦିଆଯାଇନାହିଁ। ଫଳରେ ଲୋକମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ କରାଯିବା ପରେ ବି କାମରେ ଅଗ୍ରଗତି ହେଉନାହିଁ। ଗୁରୁବାର ଜେଏମ୍‌ଏଫ୍‌ସି ଶ୍ରୀଚନ୍ଦନ ଦାସଙ୍କ ନେତୃତ୍ୱରେ ସରକାରୀ ଓକିଲ ମହେନ୍ଦ୍ର ମହାପାତ୍ର, ସାମାଜିକ କର୍ମୀ ପ୍ରେମାନନ୍ଦ ଜେନା, ଆଇନଜୀବୀ ବିନୋଦ କଅଁର, ନିରଞ୍ଜନ ଜେଠୀ ପ୍ରମୁଖ ଉପସ୍ଥିତ ରହି ଅଞ୍ଚଳର ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଡକାଇ ଯଥାଶୀଘ୍ର ସମସ୍ୟା ସମାଧାନ ଲାଗି ଜେଏମ୍‌ଏଫ୍‌ସି ନିର୍ଦ୍ଦେଶ ଦେଇଛନ୍ତି। ଅଞ୍ଚଳବାସୀଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ୧୬ କେଭି କ୍ଷମତା ବିଶିଷ୍ଟ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସାଯାଇଛି। ଅଧିକ ଲୋଡ୍ ପଡ଼ିବା ଆଶଙ୍କା ଥିବାରୁ ଏଥିରୁ ଅଧିକ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦେବା ସମ୍ଭବପର ହେଉନାହିଁ। ଉକ୍ତ ଟ୍ରାନ୍ସଫର୍ମର ପରବର୍ତ୍ତେ ୬୪ କେଭି କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ବସାଯିବାକୁ ନିଷ୍ପତ୍ତି ହୋଇଛି। ଖୁବ୍‌ଶୀଘ୍ର ଏହି କାମ ଆରମ୍ଭ ହେବ। ଏହାପରେ ସମ୍ପୃକ୍ତ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି।

### ପେପର ବ୍ୟାଗ୍, ଫାଇଲ ପ୍ରସ୍ତୁତି ତାଲିମ



**ଢେଙ୍କାନାଳ ଅଫିସ, ୨୨।୮**

ଢେଙ୍କାନାଳସ୍ଥିତ ୟୁକୋ ବ୍ୟାଙ୍କ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ୧୦ଦିନ ଧରି ଚାଲିଥିବା ପେପର ବ୍ୟାଗ୍ ଏବଂ ଫାଇଲ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଜିଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ସ୍ୱୟଂ ସହାୟକ ଗୋଷ୍ଠୀର ୩୪ଜଣ ମହିଳା ଶିବିରରେ ଭାଗ ନେଇଥିଲେ। ନାବାର୍ଡର ସହକାରୀ ନିର୍ଦ୍ଦେଶକ ଡ. ଜ୍ଞାନେନ୍ଦ୍ର ରାଉତ, ଏଲଡିଏମ୍ ବିଶ୍ୱନାଥ ପଟ୍ଟନାୟକ, ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶିକା ପୁଷ୍ପଲତା ତ୍ରିପାଠୀ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପଲିଥିନ ଉପରେ କଟକଣା ପରେ ଏହାର ବିକଳ୍ପ ଭାବେ କାଗଜର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ବ୍ୟବହାର କରି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଇପାରିବ। ଏହି କ୍ଷୁଦ୍ର ଉଦ୍ୟୋଗ ପରିବାରକୁ ସ୍ୱାବଲମ୍ବୀ କରିପାରିବ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। କାଦମ୍ବରୀ ମହାକୁଡ, ସୁଚିତ୍ରା ଗଡ଼ନାୟକ, ପ୍ରଣବ ରଞ୍ଜନ ମିଶ୍ର, ସଭ୍ୟମ୍ ଶୁଭମ୍ ଦାଶ ପ୍ରମୁଖ ସହଯୋଗ କରିଥିଲେ। ପ୍ରଶିକ୍ଷକ ଚିନ୍ମୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବାରଦୁଆର ହେଉଛନ୍ତି ବାବୁଲା

**ପରଜଙ୍ଗ, ୨୨।୮(ଡି.ଏନ.ଏ.)**

ଦିବ୍ୟାଙ୍ଗଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ଅନେକ ଯୋଜନା। ଏଥିପାଇଁ ସରକାରୀସ୍ତରରେ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। ସ୍ୱତନ୍ତ୍ର ଶିବିର, ସାମାଜିକ ସଶକ୍ତୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ସମସ୍ୟା ମୁକ୍ତ କରିବାକୁ ଯଥାସାଧ ଉଦ୍ୟମ କରାଯାଉଥିବା ଡିଣ୍ଡିମ ପିଟୁଛନ୍ତି ସରକାର। ହେଲେ ତୃଣମୂଳସ୍ତରରେ ପ୍ରଶାସନିକ ଅବହେଳା ଦିବ୍ୟାଙ୍ଗଙ୍କ ଜୀବନକୁ ଦୁର୍ବିଷହ କରିପକାଉଛି। ଏହାର ସଦ୍ୟତମ ଉଦାହରଣ ହେଉଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗ ପଞ୍ଚାୟତ ବାହାଣିଆ ସାହିର ବାବୁଲା ବେହେରା। ୮୦% ଦିବ୍ୟାଙ୍ଗ ହୋଇଥିଲେ ସୁଦ୍ଧା ବାବୁଲାଙ୍କ ଭାଗ୍ୟରେ ଜୁଟିନାହିଁ ଆବାସ ଯୋଜନାରେ ଖଣ୍ଡିଏ ଘର। ଏପରି କି ୭୦୦ ବଦଳରେ ୫୦୦ ଟଙ୍କା ଭତ୍ତା ଦିଆଯାଉଛି। ତଥାପି ନ୍ୟାୟ ପାଇବା ଆଶାରେ ସେ ବାରଦୁଆର ହେଉଥିବା କହିଛନ୍ତି।



ବାବୁଲାଙ୍କ କହିବା କଥା, ସେ ଜନ୍ମରୁ ଭିନ୍ନକ୍ଷମ। ତାଙ୍କ ପାଖରେ ଶତକଡ଼ା ୮୦ ଭାଗ ଦିବ୍ୟାଙ୍ଗ ବୋଲି ସାର୍ଟିଫିକେଟ ମଧ୍ୟ ରହିଛି। ସ୍ତ୍ରୀ, ୩ବର୍ଷର ଝିଅ ସହ ସେ ତାଙ୍କ ବାପାଙ୍କ ଆଜବେଷ୍ଟସ୍ ଘରେ କଷ୍ଟେମଷ୍ଟେ ରହୁଛନ୍ତି। ୨୦୧୧ରେ ସରକାରୀସ୍ତରରେ ଆବାସ ଯୋଜନାରେ ଘର ପ୍ରଦାନ କରିବାକୁ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଥିଲା। ଉକ୍ତ ତାଲିକାରେ ତାଙ୍କ ନାମ ସାମିଲ ହୋଇଥିଲା। ହେଲେ ଚଞ୍ଚକତା କରି କେହି ନାମକୁ ତାଲିକାରୁ କାଟି ଦେଇଛି। ଏହାପରେ ଘର ଖଣ୍ଡିଏ ପାଇଁ ସେ ପ୍ରଶାସନ ପାଖରେ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଗଲେଣି। ୨୦୧୮ ନଭେମ୍ବର ୨୬, ଡିସେମ୍ବର ୨୪ରେ ଏ ନେଇ ଜିଲାପାଳଙ୍କ ଜନ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ।

- ଦିବ୍ୟାଙ୍ଗଙ୍କ ପାଇଁ ପ୍ରଶାସନିକ ଦରଦ ଏମିତି
- ଯୋଗ୍ୟତା ସତ୍ତ୍ୱେ ତାଲିକାରୁ ବାଦ୍ ପଡ଼ିଲେ
- ୭୦୦ ବଦଳରେ ୫୦୦ ଟଙ୍କା ମିଳୁଛି ଭତ୍ତା

ତଥାପି କୌଣସି ସୁଫଳ ମିଳୁନାହିଁ। ସେ ଆହୁରି ମଧ୍ୟ କହିଛନ୍ତି, ଶତକଡ଼ା ୮୦% ଶାରୀରିକ ଦିବ୍ୟାଙ୍ଗ ହୋଇଥିଲେ ୭ଶହ ଟଙ୍କା ଭତ୍ତା ପ୍ରଦାନ କରିବାକୁ ସରକାରୀସ୍ତରରେ ନିୟମ ଅଛି। ହେଲେ ତାଙ୍କୁ ୫୦୦ ଟଙ୍କା ମିଳୁଛି। ବାକି ୨୦୦ ଟଙ୍କା କୁଆଡ଼େ ଯାଉଛି ତାହାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଅବହେଳାର ଶିକାର ହୋଇଥିଲେ ମଧ୍ୟ ବାବୁଲା ନ୍ୟାୟ ପାଇଁ ସଂଘର୍ଷ ଜାରି ରଖିଥିବା କହିଛନ୍ତି।

ଏ ନେଇ ବିଡିଓ ବସନ୍ତ କୁମାର ମଲ୍ଲିକ କୁହନ୍ତି, କେଉଁ ପରିସ୍ଥିତିରେ ଏବଂ କିଏ ବାବୁଲାଙ୍କ ନାମକୁ ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ୍ ଦେଇଛି ତାହାର ତଦନ୍ତ କରାଯିବ। ଏବେ ଏସିସିସି ଲିଷ୍ଟରେ ନାମ ସଂଯୋଗ କରାଯାଉଛି। ଅଭିଯୋଗକାରୀଙ୍କୁ ଏଥିରେ ସାମିଲ କରିବାକୁ ଫର୍ମ ପୂରଣ କରାଯାଇଛି। ଖୁବ୍‌ଶୀଘ୍ର ବାସଗୃହ କାର୍ଯ୍ୟାଦେଶ ପ୍ରଦାନ କରାଯିବ। ଏଥିସହ ବର୍ଦ୍ଧିତ ଭତ୍ତା ମଧ୍ୟ ପ୍ରଦାନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

